# ଓଡ଼ିଶା ସରକାର

# ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ

## ଅନ୍ତ୍ୟୋଦୟ ଗୃହ ଯୋଜନାର ମାର୍ଗଦର୍ଶିକା

ପିଟି୨-ପିଆର-ଆରଏଚ-ବିଇଉଡ଼ି-୦୦୦୧-୨୦୨୪/ ୪୯୦୨ ତା. ୨୧.୦୨.୨୦୨୪

**ପୃଷ୍ଠଭୂମି ଓ ଦୃଷ୍ଟିଭଙ୍ଗୀ:**

"ସଭିଙ୍କ ପାଇଁ ପକ୍କାଘର" ନିମନ୍ତେ ରାଜ୍ୟ ସରକାର ସଂକଳ୍ପବଦ୍ଧ । ଏହି ପ୍ରୟାସରେ ପ୍ରଚଳିତ ଗୃହ ନିର୍ମାଣ ଯୋଜନାରେ ଉପକୃତ ହୋଇ ନ ଥିବା ଯୋଗ୍ୟ ପରିବାର/ ପ୍ରାକୃତିକ ଅଥବା ମନୁଷ୍ୟକୃତ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର / ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ହେତୁ ବିସ୍ଥାପିତ ହୋଇଥିବା ପରିବାର/ ଭିନ୍ନକ୍ଷମ ବ୍ୟକ୍ତି ମୁଖ୍ୟ ଉପାର୍ଜନକାରୀ ହୋଇଥିବା ପରିବାର / ଜଙ୍ଗଲ ଅଧିକାର ଆଇନ ହିତାଧିକାରୀମାନଙ୍କୁ ପକ୍କାଘର ଯୋଗାଇ ଦିଆଯିବ । ଉପରୋକ୍ତ ପୃଷ୍ଠଭୂମିରେ, ସମସ୍ତଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳୀ ନିମନ୍ତେ "ଅନ୍ତ୍ୟୋଦୟ ଗୃହ ଯୋଜନା" ନାମକ ନୂତନ ଯୋଜନାର ଶୁଭାରମ୍ଭ ହୋଇଛି ।

**୧. ଉଦ୍ଦେଶ୍ୟ:**

ରାଜ୍ୟର ଗ୍ରାମାଞ୍ଚଳର ଗୃହହୀନ କିମ୍ବା କଚ୍ଚା ଘରେ ବାସ କରୁଥିବା ପରିବାରଙ୍କୁ ପକ୍କାଘର ଯୋଗାଇ ଦେବା ଏହି ଯୋଜନାର ମୂଳ ଲକ୍ଷ୍ୟ । ସରକାରୀ ଗ୍ରାମୀଣ ଗୃହ ଯୋଜନାର ହିତାଧିକାରୀମାନଙ୍କୁ ଶୀଘ୍ର ଘର ନିର୍ମାଣ ନିମନ୍ତେ ପ୍ରୋତ୍ସାହନ ରାଶି ମଧ୍ୟ ପ୍ରଦାନ କରାଯିବ ।

**୧.୧.ପକ୍କାଘରର** ସଂଜ୍ଞା:

୧.୧.୧. ଯେଉଁ ଗୃହରେ ଉଭୟ କାନ୍ଥ ଓ ଛାତ ପକ୍କା ହୋଇଥିବ, ତଥା ଅନ୍ତତଃ ୩୦ ବର୍ଷ ପର୍ଯ୍ୟନ୍ତ ସାଧାରଣ ବ୍ୟବହାରରେ ନଷ୍ଟ ହେଉ ନ ଥିବ ।

୧.୧.୨. **କାନ୍ଥ:** ଇଟା, ପଥର ଆଦି ସାମଗ୍ରୀକୁ ବ୍ୟବହାର କରି ସିମେଣ୍ଟ ଯୋଡ଼େଇରେ ନିର୍ମାଣ ହୋଇଥିବା କାନ୍ଥ ।

୧.୧.୩. **ଛାତ:** ସୁଦୃଢ ସିମେଣ୍ଟ କଂକ୍ରିଟରେ ତିଆରି ହୋଇଥିବା ଛାତ ।

**୧.୨. କଚ୍ଚାଘରର** ସଂଜ୍ଞା:

୧.୨.୧. ଯେଉଁ ଗୃହରେ କାନ୍ଥ ଅଥବା ଛାତ କଚ୍ଚା ହୋଇଥିବ ଏବଂ ପ୍ରାକୃତିକ/ମନୁଷ୍ୟକୃତ ବିପର୍ଯ୍ୟୟକୁ ପ୍ରତିହତ କରି ପାରୁ ନଥିବ ।

୧.୨.୨. **କାନ୍ଥ:** ସିମେଣ୍ଟ ବ୍ୟତୀତ ଅନ୍ୟ ଯେକୌଣସି ସାମଗ୍ରୀରେ ଯୋଡେଇ ହୋଇଥିବା କାନ୍ଥ ।

୧.୨.୩. **ଛାତ:** କୁଟା/ ବାଉଁଶ/ ମାଟି/ ଘାସ/ ପଲିଥିନ/ଆଜବେସଟସ/ ଜିସିଆଇ ଚଦର/ ଟାଇଲ ବିଶିଷ୍ଟ ଛାତ କିମ୍ବା ସୁଦୃଢ ସିମେଣ୍ଟ କଂକ୍ରିଟ ବ୍ୟତୀତ ଅନ୍ୟ ଯେକୌଣସି ସାମଗ୍ରୀରେ ତିଆରି ହୋଇଥିବା ଛାତ ।

**୧.୩. "ପରିବାର"** କହିଲେ ସ୍ୱାମୀ, ସ୍ତ୍ରୀ, ନିର୍ଭରଶୀଳ ପିତାମାତା/ ସନ୍ତାନଙ୍କୁ ବୁଝାଇଥାଏ ।

## ୨. ମୁଖ୍ୟ ବୈଶିଷ୍ଟ୍ୟ:

୨.୧. ଅନ୍ତ୍ୟୋଦୟ ଗୃହ ଯୋଜନା ରାଜ୍ୟ ସରକାରଙ୍କ ନିଜସ୍ୱ ଯୋଜନା, ଯେଉଁଥିରେ ଗ୍ରାମାଞ୍ଚଳର ବାସହୀନ କିମ୍ବା କଚ୍ଚାଘରେ ବସବାସ କରୁଥିବା ପରିବାରଙ୍କୁ ପକ୍କାଘର ଯୋଗାଇ ଦିଆଯାଇଥାଏ ।

୨.୨. ଅନ୍ତତଃ ୨୫ ବର୍ଗମିଟର ବିଶିଷ୍ଟ ପକ୍କାଘର ନିର୍ମାଣ ପାଇଁ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କାର ଗୃହ ନିର୍ମାଣ ସହାୟତା ରାଶି ପ୍ରଦାନ କରାଯାଇଥାଏ । ଏହି ୨୫ ବର୍ଗ ମିଟର ନିର୍ମାଣ ପରିଧି ମଧ୍ୟରେ ରୋଷେଇ ଘର ଅନ୍ତଃର୍ଭୁକ୍ତ ଥିବା ସ୍ଥଳେ ଶୌଚାଳୟ ଅନ୍ତଃର୍ଭୁକ୍ତ ନୁହେଁ ।

୨.୩. ପ୍ରଥମ କିସ୍ତି ପାଇବାର ୪ ମାସ ଓ ୬ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମାପ୍ତ କରୁଥିବା ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହାଅଭିଯାନ (PM-JANMAN) ଓ ଅନ୍ୟାନ୍ୟ ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର

ହିତାଧିକାରୀମାନଙ୍କୁ ଯଥାକ୍ରମେ ୨୦,୦୦୦ ଟଙ୍କା ଏବଂ ୧୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ ।

୨.୪. ଏହି ଯୋଜନାରେ ରାଜ୍ୟ ସ୍ତରରେ ଖୋଲାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କ ଖାତାରୁ ହିତାଧିକାରୀଙ୍କ ଜମା ଖାତାକୁ ସିଧାସଳଖ ଗୃହ ନିର୍ମାଣ ସହାୟତା ରାଶି ପ୍ରଦାନ କରାଯାଇଥାଏ ।

୨.୫. ବିଜୁ ପକ୍କା ଘର ଯୋଜନାରେ ଅସମ୍ପୂର୍ଣ୍ଣ ଥିବା ଗୃହର ନିର୍ମାଣ କାର୍ଯ୍ୟ ଏହି ଯୋଜନାରେ ଅନ୍ତଃର୍ଭୁକ୍ତ ।

## ୩. ଯୋଜନାର ଉପାଦାନ :

ଅନ୍ତ୍ୟୋଦୟ ଗୃହ ଯୋଜନାର ଦୁଇଟି ଉପାଦାନ-

i. ନୂତନ ଗୃହ ନିର୍ମାଣ
ii. ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ

## ୪. ନୂତନ ଗୃହ ନିର୍ମାଣ:

ଯୋଗ୍ୟ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା ପ୍ରକଳ୍ପ ମୂଲ୍ୟର ଗୃହ ମଞ୍ଜୁର କରାଯିବ ।

### ୪.୧. ଯୋଗ୍ୟତା ମାନଦଣ୍ଡ:

୪.୧.୧. ନିମ୍ନ ଲିଖିତ କୌଣସି ବର୍ଗ ଅଧୀନରେ ଥିବା ଗୃହହୀନ କିମ୍ବା କଚ୍ଚା ଘରେ ବାସ କରୁଥିବା ପରିବାର ଏହି ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ ।

କ) ଜଙ୍ଗଲ ଅଧିକାର ଆଇନ, ୨୦୦୬ ର ହିତାଧିକାରୀ ।

ଖ) ଯେଉଁ ପରିବାରର ମୁଖ୍ୟ ଉପାର୍ଜନକାରୀ ଅନ୍ତତଃ ୪୦ ପ୍ରତିଶତ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିବେ ।

ଗ) ପ୍ରଚଳିତ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରୁ ବାଦ ପଡିଥିବା ଯୋଗ୍ୟ ସ୍ୱଳ୍ପ ଆୟକାରୀ ପରିବାର ।

୪.୧.୨. ପୂର୍ବରୁ ଅନ୍ୟ କୌଣସି ସରକାରୀ ଗୃହ ନିର୍ମାଣ ଯୋଜନାରେ ବାସଗୃହ ମଞ୍ଜୁର ହୋଇଥିବା ଏବଂ ପକ୍କା ଘରେ ରହୁଥିବା  ନିମ୍ନ ପରିବାରଙ୍କୁ ମଧ୍ୟ ଘର ମଞ୍ଜୁର କରାଯିବ ଯଦି ସେମାନେ ପାରା ୪.୨ ରେ ଉଲ୍ଲିଖିତ ଅନ୍ୟ ଅଯୋଗ୍ୟତା ମାନଦଣ୍ଡରେ ଅନ୍ତଃର୍ଭୁକ୍ତ ହେଉ ନଥିବେ ।

କ) ଘରପୋଡ଼ି, ବନ୍ୟା, ବାତ୍ୟା, ଭୂମିକମ୍ପ, ହାତୀ ଉପଦ୍ରବ, ଦଙ୍ଗା, ବାମପନ୍ଥୀ ହିଂସା, ଆଇନ ଶୃଙ୍ଖଳା ପରିସ୍ଥିତି ଆଦି ପ୍ରାକୃତିକ /ମନୁଷ୍ୟକୃତ ଦୁର୍ବିପାକରେ ସମ୍ପୂର୍ଣ୍ଣ /ଭୀଷଣ  ଭାବରେ କ୍ଷତିଗ୍ରସ୍ତ  ହୋଇଥିବା ପରିବାର ।

ଖ) ନଦୀ /ସମୁଦ୍ର ଗର୍ଭରେ  ଲୀନ  ହେବାର  ଆଶଙ୍କା  ହେତୁ ସ୍ଥାନାନ୍ତର/ ବିସ୍ଥାପନ ଆବଶ୍ୟକ କରୁଥିବା ପରିବାର  ।

ଗ) ରାଜମାର୍ଗ, ଜଳସେଚନ ପ୍ରକଳ୍ପ ସଦୃଶ ସରକାରୀ ପ୍ରକଳ୍ପ ନିର୍ମାଣ ହେତୁ ବିସ୍ଥାପିତ/ ସ୍ଥାନାନ୍ତରିତ ହେଉଥିବା  ପରିବାର ।

ଘ) ଅଭୟାରଣ୍ୟ /ସଂରକ୍ଷିତ ଜଙ୍ଗଲରେ ବାସ କରୁଥିବା ଏବଂ ସ୍ଥାନାନ୍ତର ଆବଶ୍ୟକ କରୁଥିବା ପରିବାର ।

**୪.୨. ଅଯୋଗ୍ୟତା ମାନଦଣ୍ଡ:**

ନିମ୍ନଲିଖିତ ବର୍ଗର ପରିବାର ଏହି ଯୋଜନାରେ ଯୋଗ୍ୟ  ବିବେଚିତ ହେବେ  ନାହିଁ ।

୪.୨.୧.  ପକ୍କାଘରେ ରହୁଥିବା ପରିବାର ।

୪.୨.୨. ଯଦି ପରିବାରର କୌଣସି ସଦସ୍ୟ ସରକାରୀ/ସରକାରୀ ଉଦ୍ୟୋଗ/ବୈଧାନିକ  ଅନୁଷ୍ଠାନରେ ନିୟମିତ କିମ୍ବା ପେନସନଭୋଗୀ କର୍ମଚାରୀ ହୋଇଥିବେ ।

୪.୨.୩.  ଯେଉଁ ପରିବାରର ଚାରି ଚକିଆ ଯାନ ଥିବ ।

୪.୨.୪. ଯେଉଁ ପରିବାରର କୃଷିଭିତ୍ତିକ ୩/୪ ଚକିଆ ଯାନ୍ତ୍ରିକ ଉପକରଣ ଥିବ ।

୪.୨.୫. ସରକାରୀ ପଞ୍ଜିକୃତ ଅଣ କୃଷି ଉଦ୍ୟୋଗୀ ପରିବାର ।

୪.୨.୬. ଯଦି ପରିବାରର କୌଣସି ସଦସ୍ୟଙ୍କ ମାସିକ ଆୟ ୧୫,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବ ।

୪.୨.୭ . ଯେଉଁ ପରିବାରଙ୍କ ନାମରେ,

i. ୨.୫ ଏକର ବା ତଦୁର୍ଦ୍ଧ ଜଳସେଚିତ ଜମି ଥିବ, ଅଥବା

ii. ୫ ଏକର ବା ତଦୁର୍ଦ୍ଧ ଅଣଜଳସେଚିତ ଜମି ଥିବ ।

୪.୨.୮ ଅନ୍ୟ କୌଣସି ସରକାରୀ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ପୂର୍ବରୁ ସହାୟତା ରାଶି ପାଇଥିବା ପରିବାର ।

୪.୨.୯. ବିଭିନ୍ନ ସରକାରୀ ପ୍ରକଳ୍ପ ହେତୁ ବିସ୍ଥାପିତ ହୋଇ ଅନ୍ୟ ଅଞ୍ଚଳରେ ପକ୍କା ଘରର ମାଲିକାନା ଥିବା ପରିବାର ।

### ୪.୩. ହିତାଧିକାରୀ ଚୟନ ପ୍ରକ୍ରିୟା :

୪.୩.୧. ଜିଲ୍ଲାପାଳ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଯାଞ୍ଚ କରି ଯୁକ୍ତିଯୁକ୍ତ କାରଣ ସହିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ମଞ୍ଜୁର କରିବା ପାଇଁ ଦାଖଲ କରିବେ ।

୪.୩.୨. ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଜିଲ୍ଲାପାଳଙ୍କ ଦ୍ୱାରା ଦାଖଲ ହୋଇଥିବା ତାଲିକାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପ୍ରାପ୍ତି ପରେ ସମ୍ପୃକ୍ତ ଜିଲ୍ଲାମାନଙ୍କୁ ଜଣାଇବେ ।

୪.୩.୩. ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗ୍ୟ ହିତାଧିକାରୀମାନଙ୍କୁ ଧାର୍ଯ୍ୟ ପଦ୍ଧତି ଅନୁସରଣ କରି ଗୃହ ମଞ୍ଜୁର କରିବେ ।

### ୪.୪. ଭୂମିହୀନ ପରିବାରକୁ ଗୃହ ନିର୍ମାଣ ଭୂମି ଆବଣ୍ଟନ:

୪.୪.୧. ଏହି ଯୋଜନାର ଯୋଗ୍ୟ ପରିବାର ଏବଂ ଅନ୍ୟାନ୍ୟ ସରକାରୀ ଅନୁଦାନ ପ୍ରାପ୍ତ ଗୃହ ଯୋଜନାରେ ଯେଉଁମାନେ ଭୂମିହୀନ, ସେମାନଙ୍କୁ ରାଜସ୍ୱ କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତ୍ତିରେ ଗୃହ ନିର୍ମାଣ ସ୍ଥାନ ବଣ୍ଟନ କରିବେ ।

୪.୪.୨. ଭୂମିହୀନ ପରିବାରଙ୍କୁ ଗୃହ ନିର୍ମାଣ ଭୂମି ଆବଣ୍ଟନ ସମ୍ବନ୍ଧୀୟ ସମସ୍ତ ସମସ୍ୟାର ସମାଧାନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାର ପ୍ରତ୍ୟେକ ମାସର ପ୍ରଥମ ଶନିବାରରେ ବୈଠକ କରିବେ ।

୪.୪.୩. ଜିଲ୍ଲାପାଳ ଅଗ୍ରଗତି ଉପରେ ନଜର ରଖିବେ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ମାସିକ ରିପୋର୍ଟ କରିବେ ।

୪.୪.୪. ମୂଲ୍ୟବାନ ସରକାରୀ ଜମି ଯେପରିକି ଜାତୀୟ ରାଜପଥ ପାର୍ଶ୍ୱରେ ବସବାସ କରୁଥିବା ଭୂମିହୀନ ପରିବାରଙ୍କୁ ରାଜସ୍ୱ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜମି ବଣ୍ଟନ ନହେବା ପର୍ଯ୍ୟନ୍ତ ଗୃହ ମଞ୍ଜୁର କରାଯିବା ଉଚିତ୍ ନୁହେଁ । ଉପ-ଜିଲ୍ଲାପାଳ ଏହି ଘରଗୁଡିକ ପାଇଁ ଗୃହ ନିର୍ମାଣ ସ୍ଥାନ ଆବଣ୍ଟନ ଉପରେ ନଜର ରଖିବେ ଏବଂ ହିତାଧିକାରୀଙ୍କ ଘର ଏପରି ଜମି ଉପରେ ନିର୍ମାଣ ହୋଇନଥିବା ନିଶ୍ଚିତ କରିବେ ।

**୪.୫. ଗୃହ ନିର୍ମାଣ ସହାୟତା ରାଶି :**

ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କାଘର ନିର୍ମାଣ ପାଇଁ ଗୃହ ନିର୍ମାଣ ସହାୟତା ରାଶି ୧ ଲକ୍ଷ ୨୦ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି । ଏହି ସହାୟତା ରାଶି ରାଜ୍ୟ ସରକାରଙ୍କ ଦ୍ୱାରା ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇପାରେ ।

**୪.୬. କିସ୍ତି ରାଶି ପ୍ରଦାନ:**

ନୂତନ ଗୃହ ମଞ୍ଜୁର ହୋଇଥିବା ହିତାଧିକାରୀଙ୍କୁ ନିମ୍ନରେ ପ୍ରଦତ୍ତ ଗୃହ ନିର୍ମାଣ ସ୍ତର ଅନୁଯାୟୀ ଗୃହ ନିର୍ମାଣ କିସ୍ତି ରାଶି ପ୍ରଦାନ କରାଯିବ ।

| କିସ୍ତି | ଗୃହ ନିର୍ମାଣ ସ୍ତର | ଅର୍ଥ ରାଶି ( ଟଙ୍କାରେ) |
|---|---|---|
| ପ୍ରଥମ କିସ୍ତି | କାର୍ଯ୍ୟାଦେଶ ପ୍ରଦାନ ସହିତ | ୪୦,୦୦୦ |
| ଦ୍ୱିତୀୟ କିସ୍ତି | ଛାତ ପତନ ପର୍ଯ୍ୟନ୍ତ ନିର୍ମାଣ ପରେ | ୬୫,୦୦୦ |
| ତୃତୀୟ କିସ୍ତି | ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ | ୧୫,୦୦୦ |
| ମୋଟ | | ୧,୨୦,୦୦୦ |

ରାଜ୍ୟ ସରକାର କିସ୍ତିର ସଂଖ୍ୟା ଓ ପରିମାଣ ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରିପାରନ୍ତି ।

**୪.୭. ସମୟ ସୀମା:**

ହିତାଧିକାରୀଙ୍କ ବ୍ୟାଙ୍କଖାତାକୁ ପ୍ରଥମ କିସ୍ତି ରାଶି ପ୍ରଦାନ ହେବାର ୧୨ ମାସ ମଧ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ମଞ୍ଜୁର ହୋଇଥିବା ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ଆବଶ୍ୟକ । ୨୫ ବର୍ଗମିଟରରୁ ଊର୍ଦ୍ଧ୍ୱ ଆୟତନ ବିଶିଷ୍ଟ ଗୃହ ନିର୍ମାଣ କରିବାକୁ ଚାହୁଁଥିବା ହିତାଧିକାରୀଙ୍କୁ ପ୍ରଥମେ ୨୫ ବର୍ଗମିଟର ବିଶିଷ୍ଟ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସଚେତନ କରାଯାଇ ପରବର୍ତ୍ତୀ ସମୟରେ ଗୃହ ସମ୍ପ୍ରସାରଣ କରିବା ପାଇଁ ପରାମର୍ଶ ଦିଆଯିବ ।

**୪.୮. ଅନ୍ୟ ଯୋଜନା ସହ ସମନ୍ୱୟ:**

୪.୮.୧. ନୂତନ ଗୃହ ନିର୍ମାଣ କରୁଥିବା ହିତାଧିକାରୀମାନେ ଗୃହ ନିର୍ମାଣ ସହାୟତା ବ୍ୟତୀତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(MGNREGS) ରୁ ଗୃହ ନିର୍ମାଣ ସମୟରେ ୯୦/୯୫ ଦିନ ପର୍ଯ୍ୟନ୍ତ ଅଣକୁଶଳୀ ଶ୍ରମର ପାରିଶ୍ରମିକ ପାଇ ପାରିବେ ।

୪.୮.୨. ଯଦି ପୂର୍ବରୁ ହିତାଧିକାରୀ ଗ୍ରାମୀଣ ପରିମଳ, ପାନୀୟ ଜଳ, ବିଦ୍ୟୁତୀକରଣ ଆଦି ଯୋଜନାରେ ଉପକୃତ ହୋଇନଥିବେ, ଯୋଗ୍ୟତା ଆଧାରରେ ଏହି ସବୁ ଯୋଜନାରେ ମଧ୍ୟ ଉପକୃତ ହୋଇପାରିବେ ।

୪.୮.୩. ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯଥାସମ୍ଭବ କଲୋନୀ ( cluster ) ଭିତ୍ତିରେ ଘର ନିର୍ମାଣ କରିବାକୁ ପ୍ରୟାସ କରିବେ । ସିମେଣ୍ଟ କଂକ୍ରିଟ ରାସ୍ତା , ସଡ଼କ ଆଲୋକୀକରଣ, ଜଳ ନିଷ୍କାସନ ନାଳ, ଗୋଷ୍ଠୀ ପରିମଳ କେନ୍ଦ୍ର, ଗୋଷ୍ଠୀ କମ୍ପୋଷ୍ଟ ଗଦା ଆଦି ଆବଶ୍ୟକୀୟ ଭିତ୍ତିଭୂମିକୁ ଏହି ଅଞ୍ଚଳରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ସମନ୍ୱୟରେ ନିର୍ମାଣ କରାଯିବ ।

## ୫. ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ:

୫.୧. ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ), ପ୍ରଧାନମନ୍ତ୍ରୀ ଜନଜାତି ନ୍ୟାୟ ଅଭିଯାନ (PM-JANMAN) କିମ୍ବା ଅନ୍ୟ କୌଣସି ସରକାରୀ ଗୃହ ନିର୍ମାଣ ଯୋଜନାରେ ଶୀଘ୍ର ଗୃହ ନିର୍ମାଣ କରିଥିବା ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

i. ପ୍ରଥମ କିସ୍ତି ରାଶି ପାଇବାର ୪ ମାସ ମଧ୍ୟରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କଲେ ହିତାଧିକାରୀଙ୍କୁ ୨୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

ii. ପ୍ରଥମ କିସ୍ତି ରାଶି ପାଇବାର ୬ ମାସ ମଧ୍ୟରେ ଗୃହ ନିର୍ମାଣ ସଂପୂର୍ଣ୍ଣ କଲେ ହିତାଧିକାରୀଙ୍କୁ ୧୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ।

iii. ପ୍ରୋତ୍ସାହନ ରାଶିର ଅବଧି ଓ ପରିମାଣ ସରକାର ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରିପାରିବେ ।

## ୬. ପ୍ରଶାସନିକ ପାଣ୍ଠି:

ଏହି ଯୋଜନା ପରିଚାଳନା ପାଇଁ ପ୍ରଶାସନିକ ପାଣ୍ଠି (ଯୋଜନା ଖର୍ଚ୍ଚର ୦.୫ %) ରହିବ । ପ୍ରଶାସନିକ ପାଣ୍ଠିରୁ ନିମ୍ନ ଲିଖିତ ଖର୍ଚ୍ଚ କରାଯାଇ ପାରିବ ।

୬.୧. ରାଜ୍ୟ /ଜିଲ୍ଲା/ ବ୍ଲକ ଅଧିକାରୀଙ୍କୁ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାର ସଫଳ ରୂପାୟନ ନିମନ୍ତେ ପ୍ରଦାନ କରାଯିବାକୁ ପୁରସ୍କାର ଅର୍ଥ ରାଶି ବାବଦ ଖର୍ଚ୍ଚ । ପୁରସ୍କାରର ଯୋଗ୍ୟତା, ପ୍ରକାର, ବର୍ଗ ଏବଂ ଅନ୍ୟାନ୍ୟ ପଦ୍ଧତି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଦ୍ଵାରା ସ୍ଥିରୀକୃତ ହେବ ;

୬.୨. ବିଭିନ୍ନ ସ୍ତରରେ ପୁରସ୍କାର ବିତରଣ ସମାରୋହ ପରିଚାଳନା ପାଇଁ ଆବଶ୍ୟକ ଖର୍ଚ୍ଚ ;

୬.୩. ସୂଚନା, ଶିକ୍ଷା ଓ ଯୋଗାଯୋଗ (IEC) ବାବଦ ଖର୍ଚ୍ଚ;

୬.୪. ହିତାଧିକାରୀଙ୍କୁ ଗୃହ ନିର୍ମାଣ ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ;

୬.୫. ଅଧିକାରୀଙ୍କ ତାଲିମ ଓ ବାହ୍ୟ କ୍ଷେତ୍ର ପରିଭ୍ରମଣ ବାବଦ ଖର୍ଚ୍ଚ ;

୬.୬. ସମୀକ୍ଷା ବୈଠକ ଓ କର୍ମଶାଳା ଆୟୋଜନ ବାବଦୀୟ ଖର୍ଚ୍ଚ ;

୬.୭. ବିଭିନ୍ନ ସମୟରେ ମୂଲ୍ୟାଙ୍କନ ଏବଂ ମାନ ନିର୍ଦ୍ଧାରଣ ବାବଦ ଖର୍ଚ୍ଚ ;

୬.୮. 'ଆମ ଘର' ମୋବାଇଲ ଆପ ମାଧ୍ୟମରେ ଗୃହ ଗୁଡ଼ିକର ଜିଓ ଟ୍ୟାଗିଂ ବାବଦ ଖର୍ଚ୍ଚ;

୬.୯. ସାମାଜିକ ସମୀକ୍ଷା;

୬.୧୦. ଅଫିସ୍ ସାମଗ୍ରୀ (stationery );

୬.୧୧.ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ଵାରା ନିର୍ଦ୍ଧାରିତ ମୂଲ୍ୟ ଅନୁଯାୟୀ ବ୍ଲକ ଅଧିକାରୀମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ବାବଦ ଖର୍ଚ୍ଚ ;

୬.୧୨. ମିସ୍ତ୍ରୀମାନଙ୍କ ନିମନ୍ତେ ପ୍ରଶିକ୍ଷଣ ଏବଂ ସାର୍ଟିଫିକେଟ ବାବଦ ଖର୍ଚ୍ଚ ;

୬.୧୩. ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ଅନୁମୋଦନରେ ଅନ୍ୟାନ୍ୟ ଖର୍ଚ୍ଚ ।

## ୭. ଇ-ପରିଚାଳନା (E-Governance):

୭.୧. ନିମ୍ନ ଦୁଇ ଗୋଟି ଇ-ପରିଚାଳନା (**E-Governance**) ସାଧନ ମାଧ୍ୟମରେ ଯୋଜନାର ସଫଳ ରୂପାୟନ କରାଯିବ ।

- ପ୍ରଗତି ସମ୍ପର୍କିତ ରିପୋର୍ଟ୍ (MIS), ଗୃହ ମଞ୍ଜୁର ଏବଂ ଅର୍ଥ ରାଶି ପ୍ରଦାନ:-ଆରଏଚ ପୋର୍ଟାଲ (www.rhodisha.gov.in)
- ମୋବାଇଲ ଆପ୍ଲିକେସନ :- ଆମ ଘର ମୋବାଇଲ ଆପ

୭.୨. ଯୋଗ୍ୟ ହିତାଧିକାରୀଙ୍କ ବିବରଣୀ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ତଥ୍ୟ ବ୍ଲକ୍ ଅଧିକାରୀଙ୍କ ଦ୍ଵାରା ଆରଏଚ ପୋର୍ଟାଲରେ ଉଲ୍ଲେଖ କରାଯିବ ।

୭.୩. ଗୃହ ମଞ୍ଜୁରୀ, କାର୍ଯ୍ୟାଦେଶ ପ୍ରଦାନ, ଏବଂ ଗୃହ ନିର୍ମାଣ ସହାୟତା ରାଶି / ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ଏବଂ କେସ୍ ରେକର୍ଡ ଆଦି ସମ୍ବନ୍ଧୀୟ ସୂଚନା ଆରଏଚ ପୋର୍ଟାଲରେ ଉପଲବ୍ଧ ହେବ ।

୭.୪.ଜିଲ୍ଲା/ବ୍ଲକୱାରୀ ହିତାଧିକାରୀଙ୍କ ତାଲିକା, ଯୋଜନାର ପ୍ରଗତି ସମ୍ବନ୍ଧୀୟ ସୂଚନା www.rhodisha.gov.in ୱେବସାଇଟରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶିତ ହେବ ।

୭.୫. ହିତାଧିକାରୀଙ୍କୁ ସଚେତନ କରିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଭୌଗୋଳିକ ସ୍ଥିତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ହୋଇଥିବା ଘରର ନକ୍ସା ଓ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ଆରଏଚ ପୋର୍ଟାଲରେ ପ୍ରଦର୍ଶିତ ହେବ ।

୭.୬. ହିତାଧିକାରୀଙ୍କର ବର୍ତ୍ତମାନ ରହୁଥିବା ଗୃହ ଓ ଗୃହ ନିର୍ମାଣର ବିଭିନ୍ନ ସ୍ତରକୁ "ଆମ ଘର" ମୋବାଇଲ୍ ଆପ୍ ମାଧ୍ୟମରେ ଫଟୋ ଉଠାଯିବ ଓ ଏହା ଆରଏଚ ପୋର୍ଟାଲ୍ ସହିତ ସଂଯୁକ୍ତ ହୋଇ ପ୍ରଦର୍ଶିତ ହେବ ।

## ୮. ପରିଚାଳନା ପ୍ରକ୍ରିୟା :

୮.୧. ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଏବଂ ଜିଲ୍ଲା ପରିଷଦର ତଦାରଖରେ ପଞ୍ଚାୟତ ସମିତି **'ଅନ୍ତ୍ୟୋଦୟ ଗୃହ ଯୋଜନା'** କୁ କାର୍ଯ୍ୟକାରୀ କରିବେ ।

୮.୨. ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବେ, ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ପରିବାର, ଭିନ୍ନକ୍ଷମ ଏବଂ ଅନ୍ୟାନ୍ୟ ହିତାଧିକାରୀଙ୍କ କ୍ଷେତ୍ରରେ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିପୋର୍ଟ୍ କୁ ଯାଞ୍ଚ କରି ଆରଏଚ ପୋର୍ଟାଲରେ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ବିବରଣୀ ଉଲ୍ଲେଖ କରିବେ ଏବଂ ଜିଲ୍ଲାପାଳଙ୍କୁ ଗୃହ ମଞ୍ଜୁର ନିମନ୍ତେ ପ୍ରସ୍ତାବ ଦାଖଲ କରିବେ ।

୮.୩. ନୂତନ ଗୃହ ମଞ୍ଜୁର ଏବଂ ନିର୍ମାଣ ହେବା ପୂର୍ବରୁ ବର୍ତ୍ତମାନ ରହୁଥିବା ଗୃହର ଜିଓ ଟ୍ୟାଗିଂ କରାଯାଇ ଫଟୋ ଆରଏଚ ପୋର୍ଟାଲରେ ଅପଲୋଡ କରାଯିବ ।

୮.୪. ଜିଲ୍ଲାପାଳ ଯୁକ୍ତିଯୁକ୍ତ କାରଣ ସହିତ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ଦାଖଲ କରିବେ ।

୮.୫. ଜିଲ୍ଲାପାଳଙ୍କ ଦ୍ୱାରା ଦାଖଲ ହୋଇଥିବା ପ୍ରସ୍ତାବକୁ ଯାଞ୍ଚ କରି ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲାୱାରୀ ଧାର୍ଯ୍ୟ ଲକ୍ଷ୍ୟ ଆବଣ୍ଟନ କରିବେ, ଯାହାକୁ ଜିଲ୍ଲା ବ୍ଲକ ମଧ୍ୟରେ ଆବଣ୍ଟନ କରିବେ ।

୮.୬. ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିହ୍ନଟ ଯୋଗ୍ୟ ହିତାଧିକାରୀଙ୍କୁ ଗୃହ ମଞ୍ଜୁର କରି ଇ-କାର୍ଯ୍ୟାଦେଶ ପ୍ରଦାନ କରିବେ ।

୮.୭. ହିତାଧିକାରୀଙ୍କୁ ଗୃହ ନିର୍ମାଣରେ ସହାୟତା ପ୍ରଦାନ ନିମନ୍ତେ ଏକ ନିର୍ଦ୍ଦିଷ୍ଟ ବ୍ଲକ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସଂଖ୍ୟକ ହିତାଧିକାରୀଙ୍କ ସହିତ ସଂଯୋଗ କରାଯିବ ।

୮.୮. ହିତାଧିକାରୀଙ୍କ ସହ ସଂଯୋଗ ହୋଇଥିବା କ୍ଷେତ୍ର ଅଧିକାରୀ ଗୃହ ନିର୍ମାଣର ବିଭିନ୍ନ ସ୍ତରର ଫଟୋ ଉଠାଇବେ, ଯେଉଁ ଆଧାରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିତାଧିକାରୀଙ୍କ ସପକ୍ଷରେ ଅର୍ଥ ରାଶି ପ୍ରଦାନ କରିବେ ।

୮.୯. ହିତାଧିକାରୀ ମହାତ୍ମାଗାନ୍ଧୀ ନରେଗା (**MGNREGA**) ଅଧୀନରେ ଅଣ - ଆଇଏପି ଜିଲ୍ଲାରେ ୯୦ ଏବଂ ଆଇଏପି ଜିଲ୍ଲାରେ ୯୫ ଦିନ ପର୍ଯ୍ୟନ୍ତ ପାରିଶ୍ରମିକ ପାଇପାରିବେ ।

୮.୧୦. ଗ୍ରାମ୍ୟ ପରିମଳ, ପାନୀୟଜଳ, ଗ୍ରାମୀଣ ବିଦ୍ୟୁତୀକରଣ, ଉଜ୍ଜ୍ୱଳା ଇତ୍ୟାଦି ଯୋଜନାଗୁଡିକରୁ ପୂର୍ବରୁ ସହାୟତା ରାଶି ପ୍ରାପ୍ତ କରି ନଥିବା ଯୋଗ୍ୟ ହିତାଧିକାରୀମାନେ ମଧ୍ୟ ଏହି ସବୁ ଯୋଜନାର ସୁବିଧା ଉପଲବ୍ଧ କରିପାରିବେ ।

୮.୧୧. ହିତାଧିକାରୀ ଗୃହ ନିର୍ମାଣ ପରେ ନିଜ ଘରର ସମ୍ମୁଖ କାନ୍ଥରେ ଏହି ଯୋଜନାର ଲୋଗୋ ଲଗାଇବେ ।

୮.୧୨. ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀମାନେ ନିଜେ ନିଜର ଗୃହ ନିର୍ମାଣ କରିବେ ଓ କୌଣସି ଠିକାଦାର ଏଥିରେ ନିୟୋଜିତ ହେବେ ନାହିଁ ।

୮.୧୩. ହିତାଧିକାରୀ ନିଜ ନାମରେ ଥିବା ଜମି ଉପରେ କିମ୍ବା ପରିବାରର ଅନ୍ୟ ସଦସ୍ୟଙ୍କ ସମ୍ମତି ନେଇ ପରିବାର ନାମରେ ଥିବା ଜମିରେ ହିଁ ଗୃହ ନିର୍ମାଣ କରିବେ ।

୮.୧୪. ମୁଖ୍ୟତଃ ପରିବାରର ମହିଳା ମୁଖ୍ୟଙ୍କ ନାମରେ ବାସଗୃହ ମଞ୍ଜୁର କରାଯିବ । ପରିବାରଟି ମହିଳା ମୁଖ୍ୟଙ୍କ ଦ୍ୱାରା ପରିଚାଳିତ ହେଉ ନଥିଲେ, ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ନାମରେ ମଞ୍ଜୁର ହେବ, ଏବଂ ପରିବାରରେ କୌଣସି ମହିଳା ସଦସ୍ୟା ନ ଥିଲେ, କେବଳ ପୁରୁଷ ମୁଖ୍ୟଙ୍କ ନାମରେ ଗୃହ ମଞ୍ଜୁର ହେବ ।

୮.୧୫. ନିର୍ମାଣ କାର୍ଯ୍ୟ ତଦାରଖ କରିବାକୁ ଅସମର୍ଥ ଥିବା ବୟସ୍କ, ଦୁର୍ବଳ, ନିରାଶ୍ରୟ, କିମ୍ବା ଭିନ୍ନକ୍ଷମ ହିତାଧିକାରୀ ଗୃହ ନିର୍ମାଣ ନିମନ୍ତେ ଲିଖିତ ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଜଣାଇଲେ ସେମାନଙ୍କର ଗୃହ ନିର୍ମାଣ କାର୍ଯ୍ୟ କ୍ଷେତ୍ର ବିଭାଗ ଦ୍ୱାରା ସମ୍ପାଦନ କରାଯିବ ।

**୯. ତଦାରଖ:**

୯.୧. ଯୋଜନାର ସଫଳ ରୂପାୟନ ପାଇଁ ଜିଲ୍ଲାପାଳ ବିହିତ ପଦକ୍ଷେପ ଗ୍ରହଣ କରିବେ ।

୯.୨. ଜିଲ୍ଲା ସ୍ତରରେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ ବ୍ଲକ ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପଯୁକ୍ତ ସମୟସୀମା ମଧ୍ୟରେ ଗୁଣବତ୍ତା ସମ୍ପନ୍ନ ଗୃହ ନିର୍ମାଣ ପାଇଁ ଉତ୍ତରଦାୟୀ ରହିବେ ।

୯.୩. ବ୍ଲକ ସ୍ତରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନ୍ତତଃ ୧୦% ନିର୍ମଣାଧୀନ ବାସଗୃହକୁ ଯାଞ୍ଚ କରିବେ ।

୯.୪. ଜିଲ୍ଲା-ସ୍ତରୀୟ ଅଧିକାରୀମାନେ ଅନ୍ତତଃ ୧% ଘର ଯାଞ୍ଚ କରିବେ ।

୯.୫. ପ୍ରକଳ୍ପ ପରିଚାଳକ (ଗ୍ରାମୀଣ ଗୃହ ନିର୍ମାଣ ) ଅନ୍ତତଃ ଜିଲ୍ଲାର ୧୦% ଘର ଯାଞ୍ଚ କରିବେ ।

୯.୬. ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରତ୍ୟେକ ବ୍ଲକରେ ଅନ୍ତତଃ ୨% ଘର ଯାଞ୍ଚ କରିବେ ।

୯.୭.ଯୋଜନାର ତଦାରଖ ଓ ସମୀକ୍ଷା ପାଇଁ ରାଜ୍ୟ ଗ୍ରାମୀଣ ହାଉସିଂ ପୋର୍ଟାଲ୍ (www.rhodisha.gov.in) କୁ ମୁଖ୍ୟତଃ ବ୍ୟବହାର କରାଯିବ ।

**୧୦. ଆର୍ଥିକ ଉତ୍ସ:**

୧୦.୧. ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଚଳିତ ଏହି ଯୋଜନାର ଖର୍ଚ୍ଚ ରାଜ୍ୟ ବଜେଟ୍ ଅନୁଦାନରୁ ଭରଣା କରାଯିବ ।

୧୦.୨. ଏହି ଯୋଜନା ପାଇଁ ସ୍ୱତନ୍ତ୍ର ବଜେଟ୍ ଅନୁଦାନ ରହିବ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏହି ଯୋଜନା ପାଇଁ ବଜେଟ୍ ରେ ଆବଶ୍ୟକ ଅର୍ଥ ରାଶି ପାଇଁ ପଦକ୍ଷେପ ଗ୍ରହଣ କରିବେ ।

## ୧୧. ଆର୍ଥିକ ପରିଚାଳନା:

୧୧.୧. ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଉଠାଣ ଓ ବିତରଣ ଅଧିକାରୀ (Drawing and Disbursing Officer) ଯୋଜନା ବାବଦ ଅର୍ଥ ରାଶି ଉଠାଣ କରି ଅନ୍ତ୍ୟୋଦୟ ଗୃହ ଯୋଜନାର ରାଜ୍ୟ ସ୍ତରରେ ଖୋଲାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କ ଖାତାରେ ଜମା କରିବେ ।

୧୧.୨. ବିଜୁ ପକ୍କା ଘର ଯୋଜନା ଅଧୀନରେ ଉପଲବ୍ଧ ଅର୍ଥ ରାଶି ଅନ୍ତ୍ୟୋଦୟ ଗୃହ ଯୋଜନା ପାଇଁ ରାଜ୍ୟ ସ୍ତରରେ ଖୋଲାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କ ଖାତାରେ ଜମା ହେବ ।

୧୧.୩. ଗୃହ ନିର୍ମାଣ ସହାୟତା ରାଶି ଏବଂ ହିତାଧିକାରୀଙ୍କ ପ୍ରୋତ୍ସାହନ ରାଶି ବାବଦ ଖର୍ଚ୍ଚ ଅନ୍ତ୍ୟୋଦୟ ଗୃହ ଯୋଜନା ନିମନ୍ତେ ରାଜ୍ୟ ସ୍ତରରେ ଖୋଲାଯାଇଥିବା ସ୍ୱତନ୍ତ୍ର ବ୍ୟାଙ୍କ ଖାତାରୁ ଭରଣା କରାଯିବ ।

୧୧.୪. ପ୍ରଶାସନିକ ଖର୍ଚ୍ଚ ନିମନ୍ତେ, ଜିଲ୍ଲା ପରିଷଦ/ବ୍ଲକ ସ୍ତରରେ ଅନ୍ତ୍ୟୋଦୟ ଗୃହ ଯୋଜନା ସ୍ୱତନ୍ତ୍ର ବ୍ୟାଙ୍କ ଖାତା ଜାତୀୟକରଣ ବ୍ୟାଙ୍କ(Nationalized bank)/ସାର୍ବଜନୀନ ସରକାରୀ ବ୍ୟାଙ୍କ(Public Sector Bank)/ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କ(Scheduled Commercial Bank)ରେ ଖୋଲାଯିବ ।

୧୧.୫. ଅନ୍ତ୍ୟୋଦୟ ଗୃହ ଯୋଜନା ପାଣ୍ଠିର ସୁଧ ରାଶି ଏହି ଯୋଜନା ପାଣ୍ଠିର ଅଂଶ ଭାବେ ବିବେଚିତ ହୋଇ କେବଳ ଏହି ଯୋଜନା ପାଇଁ ବିନିଯୋଗ ହେବ ।

## ୧୨. ସମୀକ୍ଷା:

ଏହି ଯୋଜନାର ବ୍ୟୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ / ସମୀକ୍ଷକଙ୍କ ଦ୍ୱାରା ପ୍ରତିବର୍ଷ ସମୀକ୍ଷା (Audit ) କରାଯିବ ।

## ୧୩. ସାମାଜିକ ସମୀକ୍ଷା:

୧୩.୧. ଯୋଜନାର କାର୍ଯ୍ୟକାରିତାକୁ ସାମାଜିକ ସମୀକ୍ଷା ମାଧ୍ୟମରେ ସର୍ବସାଧାରଣ ତଦାରଖ କରିବେ ।

୧୩.୨. ଓଡ଼ିଶା ସାମାଜିକ ସମୀକ୍ଷା ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା କମିଟି (Odisha Society for Social Audit Accountability and Transparency) ଏହି ଯୋଜନାର ସାମାଜିକ ସମୀକ୍ଷା କରିବେ ।

## ୧୪. ବିବିଧ:

୧୪.୧. ଓଡ଼ିଶା ସରକାରଙ୍କର ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ହିଁ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଶାସନିକ ବିଭାଗ ଭାବରେ ପରିଗଣିତ ହେବ ।

୧୪.୨. ଆବଶ୍ୟକୀୟ ସ୍ପଷ୍ଟୀକରଣ ଜାରି କରିବା ଏବଂ ଆବଶ୍ୟକ ସମୟରେ ନିର୍ଦ୍ଦେଶାବଳୀକୁ ସଂଶୋଧନ/ପରିବର୍ତ୍ତନ କରିବାର କ୍ଷମତା ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପାଖରେ ରହିବ ।

୧୪.୩. ଯୋଜନାର ବିସ୍ତୃତ କାର୍ଯ୍ୟାନ୍ୱୟନ ପଦ୍ଧତି ପରବର୍ତ୍ତୀ ସମୟରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଜଣାଇ ଦିଆଯିବ ।

ଏହି ମାର୍ଗଦର୍ଶିକା ନିର୍ଦ୍ଦେଶାବଳୀ ଜାରି ହେବା ଦିନଠାରୁ ହିଁ କାର୍ଯ୍ୟକାରୀ ହେବ ।

## ନିର୍ଦ୍ଦେଶ

ନିର୍ଦ୍ଦେଶ ପ୍ରଦାନ କରାଯାଉଛି କି, ଉକ୍ତ ସଂକଳ୍ପନାମା ଓଡ଼ିଶା ସରକାରଙ୍କର ଅସାଧାରଣ ଗେଜେଟରେ ସାଧାରଣ ଅବଗତି ନିମନ୍ତେ ପ୍ରକାଶିତ ହେବ ଏବଂ ଏହାର ନକଲ ସମ୍ପୃକ୍ତ ସମସ୍ତ ସରକାରୀ ବିଭାଗ /ବିଭାଗୀୟ ମୁଖ୍ୟଙ୍କୁ ଜଣାଇ ଦିଆଯିବ ।

ରାଜ୍ୟପାଳଙ୍କ ନିର୍ଦ୍ଦେଶ ମତେ

ଆୟୁକ୍ତ-ତଥା-ଶାସନ ସଚିବ

ଚିଠି ସଂଖ୍ୟା. ୪୮୦୩ /ପିଆର ଓ ଡ଼ିଡବ୍ଲୁ ତା. ୨୧/୦୨/୨୦୨୫ ରିଖ

ଏହାର ଏକକିତା ନକଲ ବ୍ୟକ୍ତିଗତ ସଚିବ, ମାନ୍ୟବର ମୁଖ୍ୟମନ୍ତ୍ରୀ/ମାନ୍ୟବର ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ /ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ/ମୁଖ୍ୟ ଶାସନ ସଚିବ/ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ମାନ୍ୟବର ମୁଖ୍ୟମନ୍ତ୍ରୀ/ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ/ଅନ୍ୟ ବିଭାଗର ମାନ୍ୟବର ମନ୍ତ୍ରୀ/ମୁଖ୍ୟ ଶାସନ ସଚିବ/ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପଶାସନ ସଚିବ

ଚିଠି ସଂଖ୍ୟା. ୪୮୦୪ /ପିଆର ଓ ଡ଼ିଡବ୍ଲୁ ତା. ୨୧/୦୨/୨୦୨୫ ରିଖ

ଏହାର ଏକକିତା ନକଲ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆୟୁକ୍ତ ତଥା ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଆୟୁକ୍ତ ତଥା ଶାସନ ସଚିବଙ୍କ ଅବଗତି ନିମନ୍ତେ/ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସମସ୍ତ ନିର୍ଦ୍ଦେଶକ ଓ ବିଭାଗୀୟ ଅଧିକାରୀଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଉପଶାସନ ସଚିବ

**ଚିଠି ସଂଖ୍ୟା.** ୪୯୦୪ **/ପିଆର ଓ ଡ଼ିଡବ୍ଲୁ** **ତା.** ୨୯/ ୦୭ **/୨୦୨୫ ରିଖ**

ସରକାରଙ୍କ ସମସ୍ତ ବିଭାଗ/ବିଭାଗୀୟ ମୁଖ୍ୟଙ୍କ ଗୋଚରାର୍ଥେ ଏବଂ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ଏହାର ଏକକିତା ନକଲ ପ୍ରେରଣ କରାଗଲା ।

**ଉପଶାସନ ସଚିବ**

**ଚିଠି ସଂଖ୍ୟା.** ୪୯୦୨ **/ପିଆର ଓ ଡ଼ିଡବ୍ଲୁ** **ତା.** ୨୯/ ୦୭ **/୨୦୨୫ ରିଖ**

ସମସ୍ତ ରାଜସ୍ୱ କମିଶନର/ ସମସ୍ତ ଜିଲ୍ଲାପାଳ/ ସମସ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ/ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଗୋଚରାର୍ଥେ ପ୍ରେରଣ କରାଗଲା ।

**ଉପଶାସନ ସଚିବ**

**ଚିଠି ସଂଖ୍ୟା.** ୪୯୦୩ **/ପିଆର ଓ ଡ଼ିଡବ୍ଲୁ** **ତା.** ୨୯/ ୦୭ **/୨୦୨୫ ରିଖ**

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସମସ୍ତ ଶାଖା ଅଧିକାରୀ/ ସମସ୍ତ ବିଭାଗକୁ, ଗାର୍ଡ ଫାଇଲ (୧୦ କପି) ସେମାନଙ୍କ ଗୋଚରାର୍ଥେ ଓ ଆବଶ୍ୟକୀୟ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

**ଉପଶାସନ ସଚିବ**

**ଚିଠି ସଂଖ୍ୟା.** ୪୯୦୯ **/ପିଆର ଓ ଡ଼ିଡବ୍ଲୁ** **ତା.** ୨୯/ ୦୭ **/୨୦୨୫ ରିଖ**

ଏହାର ଏକକିତା ନକଲ ମୁଦ୍ରଣ, ଲିଖନ ସାମଗ୍ରୀ ଓ ପ୍ରକାଶନ ନିର୍ଦ୍ଦେଶାଳୟ, କଟକ, ଓଡ଼ିଶାଙ୍କୁ ପରବର୍ତ୍ତୀ ଅତିରିକ୍ତ ସାଧାରଣ ପ୍ରସଙ୍ଗରେ ପ୍ରକାଶ ସହିତ ବିଭାଗକୁ ୧୦୦ କପି ଯୋଗାଇବା ନିମନ୍ତେ ଅନୁରୋଧ କରାଗଲା ।

**ଉପଶାସନ ସଚିବ**